Candidate must not write on this margin.

# CSM—73/23

## PART—II/PAPER—VII

## ODIA/PAPER—II

## ଓଡ଼ିଆ/ଦ୍ୱିତୀୟ ପତ୍ର

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (୧୨)** ଏବଂ **GROUP—B, (୦୬)**କୁ ମିଶାଇ **୧୮**ଟି ପ୍ରଶ୍ନ ରହିଛି।

### GROUP—A

### ଗ୍ରୁପ୍—A

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

1. ଅବଧୂତଙ୍କର ଚବିଶ ଗୁରୁଙ୍କ ମଧ୍ୟରୁ 'ପେଶସ୍କାରୀ' ଜଣେ, ଏହି ପ୍ରସଙ୍ଗର ଆଧ୍ୟାତ୍ମିକ ଓ ବୈଜ୍ଞାନିକ ଅର୍ଥ କ'ଣ? ବୁଝାଅ।

2. "କବି ଯା କରେ ମୂର୍ଖକୁ ସ୍ତୁତି ଏଥିରୁ ବଡ ନାହିଁ ବିପତ୍ତି ଏଥିକି ପ୍ରତି ଛାତିରେ କାତି ମାରିବା ଭଲ ହେ।" ବିଶ୍ଳେଷଣ କର।

3. ଶୈଳୀ ଓ ବିଷୟବସ୍ତୁ ଦୃଷ୍ଟିରୁ 'ଲାବଣ୍ୟବତୀ' କି ଧରଣର କାବ୍ୟ? ରୀତିଯୁଗରେ ଏହାର ପ୍ରତିନିଧିତ୍ୱ ସମ୍ପର୍କରେ ଆଲୋଚନା କର।

4. 'ଚିଲିକା' ରେ ବ୍ୟକ୍ତିତ୍ୱର ଆରୋପଣ ହିଁ ଏକ ସ୍ୱତନ୍ତ୍ର ଆଧୁନିକ ସାହିତ୍ୟିକ ଶୈଳୀ, ବ୍ୟାଖ୍ୟା କର।

5. 'ମହାନଦୀରେ ଜ୍ୟୋତ୍ସ୍ନା ବିହାର' କବିତାରେ କବିଙ୍କ ଜୀବନ ଦର୍ଶନର ସ୍ୱରୂପର ବ୍ୟାଖ୍ୟା କର।

6. ମୃତ୍ୟୁଚେତନା କ'ଣ? 'ସପ୍ତମରତୁ'ରେ ତାହା କିଭଳି ଭାବରେ ରହିଛି? ଆଲୋଚନା କର।

7. 'କ୍ଲାନ୍ତ ପ୍ରଜାପତି' ଏକ ପ୍ରତୀକଧର୍ମୀ ନାଟକ, ଏହାର ସାହିତ୍ୟିକ ଓ ସାମାଜିକ ତାତ୍ପର୍ଯ୍ୟ କ'ଣ? ଆଲୋଚନା କର।

**8.** 'ତଟ ନିରଞ୍ଜନା' ରେ କାମନାର ବିନାଶରେ ଦୁଃଖର ବିନାଶ, ଏହି ଦର୍ଶନର ନାଟକୀୟ ଉଦ୍ଭାସ କିଭଳି ଘଟିଛି, ଉଲ୍ଲେଖ କର।

**9.** 'ଦାନାପାଣି' ରେ ଆଧୁନିକ ଚାକିରୀ ଜୀବନର ବାସ୍ତବ ଛବି ପ୍ରତିଫଳିତ। ଆଲୋଚନା କର।

**10.** 'ମରାଳର ମୃତ୍ୟୁ' ଗଳ୍ପରେ ବିଶ୍ୱାସ ଓ ଆଧୁନିକ ଜୀବନ ମିଶ୍ରଣ ଚମତ୍କାର ଭାବରେ ହୋଇଛି। ଆଲୋଚନା କର।

**11.** 'ତଡ଼ିତ ଓ ତରଙ୍ଗ' ର ପ୍ରଥମ ପାଞ୍ଚୋଟି ପ୍ରବନ୍ଧର ତୁମର ପ୍ରିୟ ପ୍ରବନ୍ଧ, ବ୍ୟାଖ୍ୟା ସହ ଉଲ୍ଲେଖ କର।

**12.** 'ସତ୍ୟଧର୍ମା' କ'ଣ ଓ କିଭଳି କହିଛି, ବ୍ୟାଖ୍ୟା କର।

Candidate must not write on this margin.

## GROUP—B

## ଗ୍ରୁପ୍—B

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

**13.** ଅବଧୂତଙ୍କ ଚବିଶ ଗୁରୁଙ୍କ ମଧ୍ୟରୁ କେହି ବି ଗୁରୁ ପରମ୍ପରାର ମହାନ୍ ପୁରୁଷ ନୁହନ୍ତି। ଏହାର କାରଣ ସମ୍ପର୍କରେ ବିଶ୍ଳେଷଣ କର।

**14.** ସାରଳା ଦାସଙ୍କ ମହାଭାରତ ଓଡ଼ିଆ ସାହିତ୍ୟର ଦିଗଦର୍ଶକ ଭାବରେ ସର୍ବଦା ରହିଛି। ଏହାର ସ୍ୱାତନ୍ତ୍ର୍ୟ କ'ଣ?

**15.** 'ଛଅ ମାଣ ଆଠ ଗୁଣ୍ଠ' ଓଡ଼ିଆ ସାହିତ୍ୟ ଜଗତର ପ୍ରଥମ ଆଧୁନିକ ଉପନ୍ୟାସ। ଏହାର ସତ୍ୟତା କେତେ?

**16.** 'ପ୍ରବନ୍ଧ ସାହିତ୍ୟ' ଓ 'ସାହିତ୍ୟ ସମାଲୋଚନା' ମଧ୍ୟରେ ପାର୍ଥକ୍ୟର ବିଶ୍ଳେଷଣ କର।

**17.** 'ଲଳିତ ନିବନ୍ଧ' ଓ 'ପ୍ରବନ୍ଧ' ମଧ୍ୟରେ ପ୍ରଭେଦର ବ୍ୟାଖ୍ୟା କର।

**18.** 'ଲକ୍ଷ୍ମୀର ଅଭିସାର' ଗଳ୍ପର ସାମାଜିକତା କିଭଳି ଭାବରେ ସ୍ଥାନୀତ? ବିଶ୍ଳେଷଣ କର।

★★★